# ନିର୍ବାଚନ ଅଧିକାରୀ,ନିୟନ୍ତ୍ରିତ ବଜାର କମିଟି, କନ୍ଧମାଳ,ଫୁଲବାଣୀ

## ନିର୍ବାଚନ କାର୍ଯ୍ୟସୂଚୀ

**ସଂଖ୍ୟା 02/ ତାରିଖ 06-01-2024/**

୧୯୫୬ ମସିହା ଆଇନ ଧାରା -୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ -୩ ରୁ ୨୪ ଅନୁସାରେ କନ୍ଧମାଳ ଜିଲ୍ଲାପାଳ ଙ୍କ ଆଦେଶ ଅନୁସାରେ ଆମ୍ଭେ **ଶ୍ରୀ ଲଲିତ ମାଝୀ, OCS-II** ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଫୁଲବାଣୀ ମଣ୍ଡଳ- ତଥା- କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀର ନିର୍ବାଚନ ଅଧିକାରୀ ଏବଂ ଗତତାରିଖ ୩୦.୧୨.୨୦୨୩, ଆମ୍ଭ ଚିଠି ସଂଖ୍ୟା ୧୫୦ ର ପୂର୍ବ ପ୍ରକାଶିତ ବିଜ୍ଞାପନ ଅନୁସାରେ ଆମ୍ଭ ଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀର ନିର୍ବାଚନ ଅଧିକାରୀ ଭାବରେ ଏତଦ୍ଵାରା ଘୋଷଣା କରୁଅଛୁ ଯେ, କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ ର ସଭ୍ୟ ନିର୍ବାଚନ ପାଇଁ ରାଜ୍ୟ ସରକାର ଙ୍କ ଦ୍ଵାରା ସ୍ଵୀକୃତି ପ୍ରାପ୍ତ କୃଷକ ସଂଗଠନ ନିର୍ବାଚନ ମଣ୍ଡଳୀ ରୁ ୮ **ଜଣ,** ବ୍ୟବସାୟୀ ମଣ୍ଡଳୀ ରୁ **୪ ଜଣ** , ଫୁଲବାଣୀ ପୌର ପରିଷଦ ରୁ **୧ ଜଣ** ଓ ଗ୍ରାମ ପଞ୍ଚାୟତ ମଣ୍ଡଳୀ ରୁ **୧ ଜଣ** , ଏହିପରି ସମୁଦାୟ **୧୪ ଜଣ** ସଭ୍ୟ ନିର୍ବାଚିତ ହେବେ ।

## ନିର୍ବାଚନ କାର୍ଯ୍ୟସୂଚୀ

| କ୍ର ନଂ | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ( ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ଵତନ୍ତ୍ର ଭାବରେ | ୦୬.୦୧.୨୦୨୪ | ପୂର୍ବାହ୍ନ ୧୧ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ ର ନୋଟିସ ବୋର୍ଡ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ | ୦୬.୦୨.୨୦୨୪ | ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୧୨ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ଵାରା ଅଭିଯୋଗର ଶୁଣାଣି ଓ ନିଷ୍ପତି | ୦୬.୦୨.୨୦୨୪ | ସକାଳ ୧୨ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ |
| ୪ | ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ | ୦୬.୦୨.୨୦୨୪ | ପୂର୍ବାହ୍ନ ୧୨.୩୦ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ ନୋଟିସ ବୋର୍ଡ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ ଓ ଅମାନତ ସହ ମନୋନୟନ ପତ୍ର ଦାଖଲ | ୦୭.୦୨.୨୦୨୪ | ସକାଳ ୧୧ ଘଟିକା ଠାରୁ ଅପରାହ୍ନ ୦୧ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ | ୦୭.୦୨.୨୦୨୪ | ଅପରାହ୍ନ ୧.୩୦ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ ନୋଟିସ ବୋର୍ଡ |
| ୭ | ମନୋନୟନ ପତ୍ର ପ୍ରାର୍ଥୀଙ୍କ ଦ୍ଵାରା ପରିଦର୍ଶନ ଓ ଏହା ଉପରେ (ଉପଯୁକ୍ତ ପ୍ରମାଣ ପତ୍ର ସହ ) ଲିଖିତ ଅଭିଯୋଗ ଦାଖଲ | ୦୭.୦୨.୨୦୨୪ | ସକାଳ ୦୩ ଘଟିକା ଠାରୁ ଅପରାହ୍ନ ୦୪ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ |
| ୮ | ନିର୍ବାଚନ ଅଧିକାରୀଙ୍କ ଦ୍ଵାରା ମନୋନୟନ ପତ୍ର ଯାଞ୍ଚ, ଆପତ୍ତି ଅଭିଯୋଗ ଶୁଣାଣି ଓ ନିଷ୍ପତି ଗ୍ରହଣ (ଆବଶ୍ୟକ ସ୍ଥଳେ ନିଷ୍ପତି ପରଦିନକୁ ଘୁଞ୍ଚାଇ ଦିଆଯାଇପାରେ) | ୦୮.୦୨.୨୦୨୪ | ପୂର୍ବାହ୍ନ ୧୧ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ |
| ୯ | ଚୂଡାନ୍ତ ମନୋନୟନ ପତ୍ରର ତାଲିକା ପ୍ରକାଶନ | ୦୯.୦୨.୨୦୨୪ | ପୂର୍ବାହ୍ନ ୧୧ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ ନୋଟିସ ବୋର୍ଡ |
| ୧୦ | ମନୋନୟନ ପତ୍ର ପ୍ରତ୍ୟାହାର | ୦୯.୦୨.୨୦୨୪ | ସକାଳ ୧୧.୩୦ ଘଟିକା ଠାରୁ ଅପରାହ୍ନ ୧୨ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ |
| ୧୧ | ଚୁଡାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ | ୦୯.୦୨.୨୦୨୪ | ପୂର୍ବାହ୍ନ ୧୨ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ ନୋଟିସ ବୋର୍ଡ |
| ୧୨ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୧୩.୦୨.୨୦୨୪ | ସକାଳ ୮ ଘଟିକ ଠାରୁ ଅପରାହ୍ନ ୨ ଘଟିକା | RMC କନ୍ଧମାଳ କାର୍ଯ୍ୟାଳୟ |
| ୧୩ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୧୩.୦୨.୨୦୨୪ | ଭୋଟ ଗ୍ରହଣ ସମାପ୍ତି ପରେ | RMC କନ୍ଧମାଳ କାର୍ଯ୍ୟାଳୟ |

**ବି. ଦ୍ର. –**

1. ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି କନ୍ଧମାଳ ଙ୍କ ଠାରେ ଟ ୫.୦୦ /- (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇ ପାରିବେ ।
2. ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରାର୍ଥୀ ଙ୍କୁ ଟ ୫୦/- (ପଚାଶ ଟଙ୍କା) ମାତ୍ର ଅମାନତ ଜମା ଦେବାକୁ ହେବ । ପ୍ରତ୍ୟେକ ପ୍ରାର୍ଥୀଙ୍କ ର ମନୋନୟନ ପତ୍ର ପୂରଣ କରି ତାହା ସହିତ ମନୋନୟନ ଫର୍ମ ଗ୍ରହଣ ର ଓ ଅମାନତ ଜମାର ପ୍ରମାଣ ଭାବରେ ନିୟନ୍ତ୍ରିତ ବଜାର କମିଟି ରୁ ପ୍ରାପ୍ତ ରସିଦ ଦାଖଲ କରିବେ ।
3. କେବଳ ପ୍ରାର୍ଥୀ ନିଜେ ନିର୍ବାଚନ ଅଧିକାରୀ ଙ୍କ ନିକଟରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମ୍ବନ୍ଧୀୟ ଦରଖାସ୍ତ ଦାଖଲ କରିବେ ।
4. ପ୍ରାର୍ଥୀ ଓ ଭୋଟର ମାନଙ୍କୁ ଜଣାଇ ଦିଆଯାଉଛିକି ମନୋନୟନ ପତ୍ର ଦାଖଲ ଏବଂ ଭୋଟ ଦେଲା ବେଳେ ସେମାନେ ନିଜର ଭୋଟର ପରିଚୟ ପତ୍ର କିମ୍ବା ଆଧାର କାର୍ଡ ନିଶ୍ଚିତ ଆଣିବେ ତଥା ବ୍ୟବସାୟୀ (ଟ୍ରେଡର) ମାନଙ୍କୁ ଅନୁରୋଧ ସେମାନେ ଭୋଟର ପରିଚୟ ପତ୍ର ସହିତ ନିୟନ୍ତ୍ରିତ ବଜାର କମିଟି ତରଫରୁ ଦିଆ ହୋଇଥିବା ଟ୍ରେଡର ଲାଇସେନ୍ସ ମଧ୍ୟ ନିଶ୍ଚିତ ଆଣିବେ ।

**ସ୍ଵା/-**
**ନିର୍ବାଚନ ଅଧିକାରୀ,**
**କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ**